# ସ୍ମୃତିର ପାଖୁଡ଼ା

• ପ୍ରମୋଦ କୁମାର କାନୁନ୍‌ଗୋ

୧୯୬୭ ମସିହା କଥା । ମୁଁ ପଢୁଥାଏ ରେଭେନ୍‌ସା ମହାବିଦ୍ୟାଳୟରେ । ସ୍ନାତକୋତ୍ତର ଉଦ୍ଭିଦବିଜ୍ଞାନ । କଟକିଆ ବନ୍ଧୁମାନଙ୍କ ମଧ୍ୟରେ ସବୁଠୁ ନିକଟତର ଥିଲେ ନିର୍ମଳକାନ୍ତି ସେନ୍ । ସେ ବି ମୋ ସହିତ ପଢୁଥିଲେ ଉଦ୍ଭିଦ ବିଜ୍ଞାନ । ନିର୍ମଳଙ୍କ ସାହିଦୋସ୍ତ ସରୋଜ କୁମାର ସିଂ । ସେ ଥିଲେ ପଦାର୍ଥ ବିଜ୍ଞାନରେ । ଏ ଦୁଇଜଣଙ୍କ ସହ ମୋର ଟିକେ ଅଧିକ ପଟୁଥିଲା । କେବେ ନିର୍ମଳଙ୍କ କାଜିବଜାର ଘରେ ତ କେବେ ସରୋଜଙ୍କ କାଳିଗଳୀ ଦି'ମହଲା କୋଠାଘରେ ଏକାଠି ମିଶି ପଢ଼ିବାର ବାହାନା । ସେ ବର୍ଷ ଦଶହରା ପରର କଥା । ମାସକ ପରେ ବାଲିଯାତ୍ରା । ବାରବାଟୀ କିଲ୍ଲାପଡ଼ିଆ, ଏବେ ଭଳି ତଳପଡ଼ିଆ ନଥିଲା । ସମସ୍ତେ ଜାଣନ୍ତି କଟକର ବାଲିଯାତ୍ରା ସବୁ ଯାତ୍ରାଠୁ ଭିନ୍ନ । ଦେଶର କୋଣ ଅନୁକୋଣରୁ ବଜାର ଏଠିକୁ ଆସେ, ବାଲିଧୂସର ଅପରାହ୍ନରୁ ଶିଶିର ଭିଜା ଶୀତରାତିର ବିଳମ୍ବିତପ୍ରହର ପର୍ଯ୍ୟନ୍ତ ବିପଣି ମେଳେ । ଦେଖଣାହାରୀଙ୍କ ଭିଡ଼ରେ ଜୀବନ୍ତ ହୋଇଉଠେ କଟକିଆଙ୍କ ଜନଜୀବନ । ଡିସ୍କୋଯୁଗ ଆସିନଥାଏ, ଯାତ୍ରା, ତାମ୍‌ସା ଓ ରଙ୍ଗମଞ୍ଚ ଅଭିନୟର ସମୟ । ବାଲିଯାତ୍ରାରେ ବି ମନୋରଂଜନ କାର୍ଯ୍ୟକ୍ରମ ହୁଏ । ମୋର ଟିକେ କଳାପ୍ରତି ଆଗ୍ରହ ଥାଏ । ନିର୍ମଳଙ୍କ ସହିତ ମିଶି ଆମ ବିଭାଗରେ ଓ ପରେ କଲେଜ୍‌ର ଅନ୍ୟତ୍ର ମଧ୍ୟ କିଛି ମନୋରଂଜନଧର୍ମୀ କାର୍ଯ୍ୟକ୍ରମ କରୁ । ଆମ ସାଙ୍ଗରେ ସରୋଜ ମଧ୍ୟ ଥାଆନ୍ତି । ନିର୍ମଳ ସରୋଜ ଯୋଡ଼ି ଗୀତ୍‌ସଂଗୀତ୍‌ର ମନଲୋଭା ଯୁଗଳବନ୍ଦୀ । ପ୍ରଥମ ଜଣକ ଗୀତରେ ଓ ଦ୍ୱିତୀୟ ସଂଗୀତରେ ବେଶ୍ ଧୁରନ୍ଧର । ବାଲିଯାତ୍ରା କିଛି ଦିନ ଥାଏ, ନିର୍ମଳକାନ୍ତି କହିଲେ ବନ୍ଧୁ ଆମର ଗୋଟେ ନାଟୁଆ ସଂସ୍ଥା ଅଛି, ତମେ ମିଶିବ କି ? ତା ନାଁ "ସଂସ୍କୃତି ବିହାର" । ଏପରି ସୁଯୋଗ ହାତଛଡ଼ା କରିବାର ନାହିଁ । ଚଟାପଟ୍ ସଂସ୍କୃତି ବିହାରରେ ସାମିଲ ହୋଇଗଲି ।

ପ୍ରତିବର୍ଷ ବାଲିଯାତ୍ରା ସମୟରେ ଗଡ଼ଖାଇର ଅପରପାର୍ଶ୍ୱରେ ସଂସ୍କୃତି ବିହାର ମୁକ୍ତାକାଶ ରଙ୍ଗମଞ୍ଚରେ ମଞ୍ଚସ୍ଥ କରେ ଗଣକବି ବୈଷ୍ଣବ ପାଣିଙ୍କର ଗୀତିନାଟ୍ୟ । ମଞ୍ଚ ଶୈଳୀ ଏପରି ଯେ ଖାଇ ସେପଟେ ଚାଲିଥିବା ମଞ୍ଚ ଅଭିନୟର ପ୍ରତଛବି ପ୍ରତିବିମ୍ବିତ ହୁଏ ଜ୍ୟୋତ୍ସ୍ନାଖଚିତ ସ୍ୱଚ୍ଛ ଜଳ ଉପରେ ଓ ଅନ୍ୟପାଖରେ ଦର୍ଶକ ଉପଭୋଗ କରନ୍ତି ଏହି ଅନବଦ୍ୟ ଦୃଶ୍ୟ । ସେ ବର୍ଷ ବାଲିଯାତ୍ରା ଉତ୍ସବରେ ଅଭିନୀତ ହେବାର ଥିଲା ଗୀତିନାଟ୍ୟ "କର୍ଣ୍ଣବଧ" । ମଞ୍ଚ ପରିକଳ୍ପନା ଓ ନିର୍ଦ୍ଦେଶନା ଦାୟିତ୍ୱରେ ପ୍ରଖ୍ୟାତ ନିର୍ଦ୍ଦେଶକ ଧୀରେନ୍ ଦାଶ୍ । ଏହି ନାଟକରେ ମତେ ମିଳିଥିଲା ପଞ୍ଚପାଣ୍ଡବଙ୍କ ମଧ୍ୟରୁ ନକୁଳ ଭୂମିକା । ଅଭିନୟରେ ଅନ୍ୟମାନଙ୍କ ମଧ୍ୟରେ ଥିଲେ ବେଶ୍ ନାମକରା ଶିଳ୍ପୀ ସ୍ୱରୂପ ନାଏକ, କୃଷ୍ଣଚନ୍ଦ୍ର ପାଣ୍ଡେ, ନାରାୟଣ ସିଂ, ବଟକୃଷ୍ଣ ବେହେରା, ବୈଷ୍ଣବ ସାହୁ, ମାୟାଧର ପ୍ରଧାନ ଓ ଅନ୍ୟମାନେ । ପ୍ରଚ୍ଛଦପଟ ସଙ୍ଗୀତରେ ସରୋଜ ସିଂ, ନିର୍ମଳକାନ୍ତି ସେନ୍ ଓ ଆହୁରି ଅନେକ । ସେଦିନର ସେହି ସଙ୍ଗୀତମୟ ସଂଧ୍ୟା ମୋ ପାଇଁ ଥିଲା ଅନନ୍ୟ ଅନୁଭୂତି । ଆହୁରି ସୁଖଦ ଅନୁଭୂତି ଥିଲା ସେ ଦିନ ଆମ ଗହଣରେ ନାଟ୍ୟ ଓ ଚଳଚିତ୍ର ଜଗତର ଦୁଇ ମହାନ୍ ତାରକା ଶ୍ରୀ ଶାରଦା ପ୍ରସନ୍ନ ନାୟକ ଓ ଚପଳା ନାୟକଙ୍କ ଉପସ୍ଥିତି । ଭୂମିକାଟି ମୋର ଛୋଟ ଥିଲା କିନ୍ତୁ ମନ ମୋର ଫୁଲିଉଠି ଥିଲା ସେ ଦିନ ନାଟକ ଶେଷରେ ଯେତେବେଳେ ନିର୍ଦ୍ଦେଶକ ଧୀରେନ୍ ଦାଶ କହିଥିଲେ "Best dialogue throw" ନକୁଳ ଭୂମିକାରେ ମୋର ।

ମନେ ପଡ଼େ ସେ ବର୍ଷର ରଜଉତ୍ସବ କଥା । ଟାଉନ୍‌ହଲ୍‌ରେ ହେଉଥାଏ ସଂସ୍କୃତି ବିହାରର ଉତ୍ସବ । ସେଥିରେ ବି ମୁଁ ଅଭିନୟ କରିଥିଲି ଏକ ନାଟକରେ । ନାଟକ ଶେଷରେ ରାତି ୧୨ଟା ବେଳକୁ ହଷ୍ଟେଲ୍ ଫେରି ଜାଣିଲି ବାପା ଆସି ପହଞ୍ଚିଛନ୍ତି । ହଷ୍ଟେଲ୍ ରୁମ୍‌ର ମୋ ବେଡ୍ ରେ ଶୋଇଛନ୍ତି । ରଜପିଠା ମୋ ପାଇଁ ଆଣି ଆସିଥିଲେ ସେ ଦିନ । ମୁହଁରୁ ମୋର ଭଲ କରି ଛାଡ଼ି ନ ଥାଏ ରଙ୍ଗ ଆଉ ପାଉଡ଼ର । ଲୁଚି ଲୁଚି ରଙ୍ଗ ଛଡ଼ାଇ ଅନ୍ଧାରରେ ଶୋଇ ଗଲି ଅନ୍ୟ ଏକ ଖଟରେ । ସକାଳେ କିଛି ବାହାନା କରି ଡେରିରେ ଫେରିବାର ସଫେଇଦେଲି ବାପାଙ୍କୁ । ବିପଦଟା ଟଳିଗଲା ।

ପାଠପଢ଼ା ଶେଷ ହେଲା, କଟକରୁ ଦୂରକୁ ଚାଲିଗଲି ଚାକିରୀ ପାଇଁ । ସାମୟିକ ଭାବେ ସଂସ୍କୃତି ବିହାରଠୁ ଦୂରରେ ରହିବାକୁ ପଡ଼ିଲା ହେଲେ ମନ ସବୁବେଳେ ଖୋଜୁଥିଲା ତାର ଅନ୍ତରଙ୍ଗ ସାନ୍ନିଧ୍ୟ । ୧୯୯୯ ରେ କଟକ ଫେରିଲି, ପୁଣି ଯୋଡ଼ି ହେଲା ହଜିଥିବା ସମ୍ପର୍କ । ସଂସ୍କୃତି ବିହାରର ଆକର୍ଷଣ ଆଜି ପାଲଟି ଯାଇଛି ମୋ ପାଇଁ ଅନେକ ମଧୁର ସ୍ମୃତି । ଆଜି ୫୦ବର୍ଷର ପୂର୍ତ୍ତି ଅବସରରେ ମୁଁ ସଂସ୍କୃତି ବିହାରର ବୌଦ୍ଧିକ ତଥା କଳାତ୍ମକ ବିକାଶ ପାଇଁ ଉତ୍ତର ପୀଢ଼ିର ଆନ୍ତରିକ ଉଦ୍‌ଯୋଗ ଓ ସହଯୋଗ କାମନା କରି ଓ ଏ ଅନୁଷ୍ଠାନର ଦୀର୍ଘ ଜୀବନ ଆଶା ନେଇ ବିଦାୟ ନେଉଛି ।

*ଶିଖରପୁର, ତଳସାହି, ନୂଆ କଲୋନି, କଟକ - ୩*